# DAV PUBLIC SCHOOLS, ODISHA ZONE
## PERIODIC TEST-II, 2023-24

- Please check that this question paper contains 3 printed pages.
- Check that this question paper contains 6 questions.
- Write down the Serial Number of the question in the left side of the margin before attempting it.

## CLASS – VII
## SUBJECT: LOWER ODIA

**Time: 1.30 Hours** **Maximum Marks: 40+4**

**ସାଧାରଣ ନିର୍ଦ୍ଦେଶାବଳୀ:**
- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଭୁଲ ଭାବରେ ଲେଖ ।
- ଏହି ପ୍ରଶ୍ନ ପତ୍ରରେ (କ, ଖ, ଗ, ଘ) ଭଳି ୪ଟି ବିଭାଗରେ ୦୬ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- 'କ' ବିଭାଗ : ପଠନ - ୦୫ ଅଙ୍କ
- 'ଖ' ବିଭାଗ : ଲିଖନ - ୦୫ ଅଙ୍କ
- 'ଗ' ବିଭାଗ : ବ୍ୟାକରଣ - ୧୪ ଅଙ୍କ
- 'ଘ' ବିଭାଗ : ସାହିତ୍ୟ - ୧୬ ଅଙ୍କ

### 'କ' ବିଭାଗ (ପଠନ) (5)

1. ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (5×1=5)

ଅନେକ ଦିନର କଥା । ଓଡ଼ିଶାରେ ରାଜାମାନଙ୍କର ଶାସନ ଚାଲିଥିଲା । ଢେଙ୍କାନାଳର ରାଜା ପାହାଡ଼ ଉପରେ ନିଜର ସୁନ୍ଦର କୋଠାବାଡ଼ି ତୋଳାଉଥିଲେ । ଏହି କାମରେ ପ୍ରଜାମାନଙ୍କୁ ଅଳ୍ପ ମଜୁରି ଦେଇ ପଶୁ ଭଳି ଖଟାଉଥିଲେ । ଯିଏ କାମକୁ ଯିବାକୁ ମନାକଲା, ତାକୁ ଧରିଆଣି କଠିନ ଦଣ୍ଡ ଦେଉଥିଲେ । ଇଂରେଜମାନେ ସେତେବେଳେ ଆମ ଦେଶରେ ଶାସନ କରୁଥିଲେ ଓ ସେଇମାନଙ୍କ ସାହସରେ ରାଜା ଏଭଳି ଅତ୍ୟାଚାର ଚଳାଇଥିଲେ । ଲୋକମାନେ ତାହା ସହି ନ ପାରି ରାଜା ଓ ଇଂରେଜମାନଙ୍କ ବିରୋଧରେ ଗୋଟିଏ 'ପ୍ରଜାମଣ୍ଡଳ ସମିତି' ଗଢ଼ି ଆନ୍ଦୋଳନ କଲେ । ଥରେ ଇଂରେଜ ପୁଲିସମାନେ ଭୁବନ ଗ୍ରାମର ଆନ୍ଦୋଳନକୁ ବିରୋଧ କରି ସନ୍ଧ୍ୟାବେଳେ ଫେରୁଥିବା ସମୟରେ ବାର ବର୍ଷର ବାଳକ ବାଜିରାଉତ ବ୍ରାହ୍ମଣୀ ନଦୀର ଘାଟଡଙ୍ଗା ଜଗିଥିଲା । ପୁଲିସମାନେ ତାକୁ ନଦୀ ପାର କରିଦେବାକୁ କହିବାରୁ ପ୍ରଜାମଣ୍ଡଳର ଆଦେଶ ନ ଥିବାରୁ ସେମାନଙ୍କୁ ପାର କରିଦେବ ନାହିଁ ବୋଲି ସେ କହିଲା । ପୁଲିସମାନେ ତାକୁ ଧମକେଇଲେ ମଧ ସେ ନ ଡରି ଶେଷରେ ପୁଲିସମାନଙ୍କ ଗୁଳିରେ ଜୀବନ ଦେଲା ।

ପ୍ରଶ୍ନାବଳୀ-

(କ) ଢେଙ୍କାନାଳର ରାଜା ନିଜ ପ୍ରଜାମାନଙ୍କୁ କିପରି ଖଟାଉଥିଲେ ?

(ଖ) ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ ପ୍ରଜାମାନେ ଗଢ଼ିଥିବା ସମିତିର ନାମ କ'ଣ ଥିଲା ?

(ଗ) ଯେଉଁ ଲୋକ ରାଜାଙ୍କ କାମକୁ ଯାଉ ନଥିଲା, ତା' ସହିତ ରାଜା କ'ଣ କରୁଥିଲେ ?

(ଘ) ବାଜିରାଉତ କେଉଁ ନଦୀର ଘାଟଡଙ୍ଗା ଜଗିଥିଲା ?

(ଙ) ପୁଲିସମାନେ କାହିଁକି ବାଜିରାଉତକୁ ଗୁଳି କରି ମାରିଦେଲେ ?

## 'ଖ' ବିଭାଗ (ଲିଖନ) (5)

2. ବ୍ୟାୟାମର ଉପକାରିତା ସମ୍ପର୍କରେ ବର୍ଣ୍ଣନା କରି ସାନ ଭଉଣୀ ନିକଟକୁ ପତ୍ର ଲେଖ । (1×5=5)

## 'ଗ' ବିଭାଗ (ବ୍ୟାକରଣ) (14)

3. (କ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ । (4×1=4)

(i) ଚଢ଼େଇ (ii) ପୃଥିବୀ (iii) ନୟନ (iv) ସମୀର

(ଖ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ରୂପ ପରିବର୍ତ୍ତନ କର । (4×1=4)

(i) ଅଭିନୟ (ii) ଶୃଙ୍ଖଳା (iii) ଅନୁଭବ (iv) ପୁରସ୍କାର

(ଗ) ଗୋଟିଏ ଶବ୍ଦରେ ପ୍ରକାଶ କର । (4×1=4)

(i) ଯେ ଗଣିତ ଜାଣନ୍ତି (ii) ଶାସ୍ତ୍ର ଯେ ଜାଣନ୍ତି (iii) ବେଦ ଯେ ଜାଣନ୍ତି (iv) ଆଇନ୍ ଯେ ଜାଣନ୍ତି

(ଘ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ । (2×1=2)

(i) ଛଇଳ (ii) ବକ୍ତବ୍ୟ

## 'ଘ' ବିଭାଗ (ସାହିତ୍ୟ) (16)

4. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (6×2=12)

(i) ଜୀବନ ଧାରଣ କରିବା ପାଇଁ ଜନ୍ମଭୂମି ଆମକୁ କ'ଣ ଦିଏ ?

(ii) ମଣି ଓ ମୁକୁତା କେଉଁଠି ସାଇତା ହୋଇ ରହିଛି ?

(iii) କବି କେଉଁ ଋତୁରେ ନଈକୂଳ ଆମ୍ବଗଛ ମୂଳେ ବସିଥିଲେ ?

(iv) ଲୁହା କାହିଁକି ତଳକୁ ବୁଡ଼ିଯାଏ ?

(v) ନରେନ୍ ନିଜ ପରିବାରର ଦାୟିତ୍ୱ କିପରି ସମ୍ଭାଳି ଥିଲେ ?

(vi) ବିବେକାନନ୍ଦ ସାରା ଦେଶରେ କେଉଁ ବାର୍ତ୍ତା ପ୍ରଚାର କରିଥିଲେ ?

5. ଠିକ ଉତ୍ତରଟିକୁ ବାଛି ଲେଖ । (4×1=4)

(କ) ଜନ୍ମଭୂମି କାହା ସହିତ ତୁଳନୀୟ ?

(i) ଜନକ (ii) ଜନନୀ (iii) ମହାପୁରୁଷ (iv) ଦେଶବାସୀ

(ଖ) କେଉଁ ପକ୍ଷୀ ନଈ ସୁଅର ଗୋଟିଏ ପଟେ ଶିକାର ପାଇଁ ବସିଥିବା କଥା କବି କହିଛନ୍ତି ?

(i) ବଗ (ii) କାଉ (iii) ଶଙ୍ଖଚିଲ (iv) ଶୁଆ

(ଗ) କିଏ ନରେନ୍‌ଙ୍କ ମନରେ ଜାତ ହୋଇଥିବା ସବୁ ପ୍ରଶ୍ନର ସମାଧାନ କରିଦେଲେ ?

(i) ବିଶ୍ୱନାଥ ଦତ୍ତ (ii) ଭୁବନେଶ୍ୱରୀ (iii) ଦେଶବାସୀ (iv) ଶ୍ରୀରାମକୃଷ୍ଣ ପରମହଂସ

(ଘ) 'ଶରତ-ନଈ-କୂଳେ'କବିତାର କବି କିଏ ?

(i) ବଟକୃଷ୍ଣ ସ୍ୱାଇଁ (ii) ଡ. କୁଳମଣି ସାମଲ (iii) ପଦଚରଣ ପଟ୍ଟନାୟକ (iv) ରାଧାମୋହନ ଗଡ଼ନାୟକ

**ଉତ୍ତମ ପାଠକ ବୋନସ୍ (4)**

6. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (4×1=4)

(କ) ବ୍ରାହ୍ମଣ ଘରେ କେତେ ଦିନ ଧରି ଚୁଲି ଲାଗି ନ ଥିଲା ?

(ଖ) ବ୍ରାହ୍ମଣ ନିଜକୁ ଚାପୁଡ଼ାଟାଏ କାହିଁକି ମାରିଲା ?

(ଗ) ସିଂହରାଜାର ମନ୍ତ୍ରୀ କିଏ ଥିଲେ ?

(ଘ) ଗଛମୂଳେ ଥିବା ଅଳଙ୍କାରସବୁ କେଉଁଠୁ ଆସିଥିଲା ?

***********